# NATIONAL NEWS BULLETIN (ODIA)

**10 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତୀୟ ସଂସ୍କୃତିର ପର୍ବ ଦୀପାବଳୀକୁ ୟୁନେସ୍କୋ ପକ୍ଷରୁ ମିଳିଲା ମାନ୍ୟତା

– ଭାରତୀୟଙ୍କ ପାଇଁ ଏହି ମାନ୍ୟତା ଗୌରବର ପ୍ରତୀକ; କହିଲେ ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ

- ମାନବାଧିକାରର ସୁରକ୍ଷା ଏକ ସମ୍ମାନଜନକ ପ୍ରତିବଦ୍ଧତାର ପଦକ୍ଷେପ କହିଲେ ରାଷ୍ଟ୍ରପତି

- ୨୦୩୦ ମସିହା ସୁଦ୍ଧା ୮୫ ହଜାର କୋଟି ଟଙ୍କାର ୧୦୦ ମିଲିୟଟନ୍ କୋଇଲା ଗ୍ୟାସିଫିକେସନ୍ ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର

ଏବଂ

- ୨୦୩୦ ମସିହା ସୁଦ୍ଧା ଆମାଜନ୍ କମ୍ପାନୀ ଭାରତରେ ୩୫ ବିଲିୟନ ଡଲାର ବିନିଯୋଗ କରିବ

# ଦୀପାବଳୀ-ୟୁନେସ୍କୋ

ଭାରତର ପ୍ରମୁଖ ସାଂସ୍କୃତିକ ଓ ପୌରାଣିକ ପର୍ବ ଭାବେ ଦୀପାବଳୀକୁ ୟୁନେସ୍କୋ ମାନବତାର ବିରଳ, ସାଂସ୍କୃତିକ ଐତିହ୍ୟର ପ୍ରତିନିଧି ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଏହି ବିଷୟ ଘୋଷଣା କରି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ସେ କହିଛନ୍ତି, ଦୀପାବଳୀ କେବଳ ପାଳନ କରାଯାଏ ନାହିଁ ବରଂ ପିଢ଼ି ପରେ ପିଢ଼ି ଏହି ପର୍ବକୁ ଅନୁଭବ କରାଯାଇଥାଏ। ଏକ ଜୀବନ୍ତ ଐତିହ୍ୟ ଭାବେ ଦୀପାବଳୀ ଆମ ସଂସ୍କୃତିର ଏକ ମହାନ ପର୍ବ ବୋଲି ସେ କହିଛନ୍ତି।

# ଭିପି–ପିଏମ-ଦୀପାବଳୀ

ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ୍ ଦୀପାବଳୀ ପର୍ବକୁ ୟୁନେସ୍କୋ ଦ୍ୱାରା ମାନ୍ୟତା ପ୍ରଦାନ ନେଇ ସ୍ୱାଗତ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନ୍ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହି ବିଶ୍ୱସ୍ତରୀୟ ମାନ୍ୟତା ଗୌରବର ବିଷୟ। ସେ କହିଛନ୍ତି, ଦୀପାବଳୀ କେବଳ ଆମ ପାଇଁ ଏକ ପର୍ବ ନୁହେଁ ବରଂ ଆମ ସଭ୍ୟତାର ଏକ ପ୍ରତୀକ ଭାବରେ ସାଂସ୍କୃତିକ ଓ ପୌରାଣିକ ଇତିହାସ ବହନ କରୁଛି। ସେ କହିଛନ୍ତି, ଦେଶରେ ବିବିଧତା ସତ୍ତ୍ୱେ ଦୀପାବଳୀ ପର୍ବ ସମସ୍ତଙ୍କ ମଧ୍ୟରେ ଏକତାଭାବ ଜାଗ୍ରତ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁନେସ୍କୋର ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି, ଦୀପାବଳୀ ଭାରତର ସାଂସ୍କୃତିକ ଐତିହ୍ୟ ସହ ଦୃଢ଼ଭାବେ ଜଡ଼ିତ।

## ରାଷ୍ଟ୍ରପତି-ହ୍ୟୁମାନ୍‌ରାଇଟ୍‌ସ ଡେ’

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ଏଭଳି ଏକ ରାଷ୍ଟ୍ର ହେବା ପାଇଁ ପ୍ରତିବଦ୍ଧ, ଯେଉଁଠି କେବଳ ମାନବାଧିକାରର ସୁରକ୍ଷା କରାଯିବ ନାହିଁ ବରଂ ସମ୍ମାନ ମଧ୍ୟ କରାଯିବ। ଆଜି ନୂଆଦିଲ୍ଲୀରେ ମାନବାଧିକାର ଦିବସ-୨୦୨୫ ଏବଂ ଦୈନିକ ଆବଶ୍ୟକତାକୁ ସୁନିଶ୍ଚିତ କରିବା ନେଇ ଆୟୋଜିତ ରାଷ୍ଟ୍ରୀୟ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମର୍ଯ୍ୟାଦା ରକ୍ଷା କ୍ଷେତ୍ରରେ କୌଣସି ସାଲିସ୍ କରାଯିବ ନାହିଁ ଏବଂ କେହି ଯେଭଳି ସେମାନଙ୍କର ଅଧିକାରରେ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ରାଷ୍ଟ୍ରପତି କହିଛନ୍ତି, ମାନବାଧିକାର ଦିବସ ଏକ ନ୍ୟାୟପୂର୍ଣ୍ଣ, ସମାନତାବାଦୀ ଏବଂ କରୁଣାମୟ ସମାଜ ଗଠନ ଲାଗି ପୃଷ୍ଠଭୂମି ନିର୍ମାଣ କରିଥାଏ। ସେ କହିଛନ୍ତି, ନ୍ୟାୟ ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କର ଜନ୍ମସିଦ୍ଧ ଅଧିକାର ହେବା ଉଚିତ।

ରାଷ୍ଟ୍ରପତି କହିଛନ୍ତି, ମାନବାଧିକାରକୁ ବିଶ୍ୱସ୍ତରୀୟ ଢାଞ୍ଚାଭାବରେ ଆକାର ଦେବା ଲାଗି ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୧୯୫୦ ମସିହାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୧୦ ତାରିଖରେ ମାନବାଧିକାର ଦିବସ ପାଳନ କରାଯାଇଥାଏ।

## ପିକେ ମିଶ୍ର–ଏନଏଚଆରସି

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ର କହିଛନ୍ତି, ଆଗାମୀ ଦିନରେ ଭାରତ ଏଭଳି ଏକ ରାଷ୍ଟ୍ର ହେବାକୁ ଯାଉଛି ଯେଉଁଠାରେ ସମସ୍ତ ପ୍ରତିଷ୍ଠାନ ଓ ପ୍ରଶାସନ ଦ୍ୱାରା ନାଗରିକମାନଙ୍କୁ ସମ୍ମାନର ସହ ବଞ୍ଚିବା ଲାଗି ପ୍ରସ୍ତୁତ ରହିବେ। ନୂଆଦିଲ୍ଲୀରେ ମାନବାଧିକାର ଦିବସ-୨୦୨୫ ଓ ଦୈନିକ ଆବଶ୍ୟକତା ସୁନିଶ୍ଚିତ ସମ୍ପର୍କିତ ସମ୍ମିଳନୀକୁ ସମ୍ବୋଧି କରି ଡକ୍ଟର ମିଶ୍ର କହିଛନ୍ତି, ସୁଶାସନ ହେଉଛି ଏକ ଅଧିକାର ଯେଉଁଥିରେ ପାରଦର୍ଶୀ ପ୍ରକ୍ରିୟା ଜରିଆରେ ଜନସାଧାରଣଙ୍କ ପାଇଁ ସମ୍ମାନ ଏବଂ ସହାନୁଭୂତି ସହ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯାଇଥାଏ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଲାଭ ଯୋଗାଇ ଦେବା। ସେ କହିଛନ୍ତି, ୨୦୧୪ ପରଠାରୁ ସରକାରଙ୍କ ଲକ୍ଷ୍ୟ ରହିଛି ସମାଜର ଶେଷତମ ବ୍ୟକ୍ତିଙ୍କ ନିକଟରେ ଲାଭ ପହଁଞ୍ଚାଇବା।

## ପିଏମ୍–ୱାଇଏମ୍ୱାଇଆର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ 'ୟୋର୍ ମନି, ୟୋର୍ ରାଇଟ୍' ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଲିଙ୍କ୍‌ଡ ଇନ୍ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜନସାଧାରଣ ଭୁଲି ଯାଇଥିବା ସେମାନଙ୍କର ଆର୍ଥିକ ସମ୍ପତ୍ତିକୁ ନୂଆ ସୁଯୋଗରେ ପରିଣତ କରିପାରିବାର ଏହା ଏକ ସୁଯୋଗ ବୋଲି କହିଛନ୍ତି। ସେ କହିଛନ୍ତି, ଜନସାଧାରଣ କୌଣସି ଦାବିଦାର ନ ଥିବା ଅର୍ଥ ପାଇଁ ଦାବି କରିପାରିବା ସହିତ ବୀମା, ଡିଭିଡେଣ୍ଟ ଏବଂ ଅନ୍ୟାନ୍ୟ ଆର୍ଥିକ ସମ୍ପତ୍ତି ପାଇଁ ଏହି ସୁଯୋଗର ବ୍ୟବହାର କରିପାରିବେ।

# ଏଲଏସ୍-କୋଲ୍

କେନ୍ଦ୍ର ସରକାର ୨୦୩୦ ମସିହା ସୁଦ୍ଧା ୮୫ ହଜାର କୋଟି ଟଙ୍କା ସମ୍ବଳିତ ୧୦୦ ମିଲିୟନ ଟନ୍ କୋଇଲା ଗ୍ୟାସିଫିକେସନ୍ ଲକ୍ଷ୍ୟ ରଖିଛନ୍ତି। ଲୋକସଭାରେ ଆଜି ପ୍ରଶ୍ନୋତ୍ତର କାଳରେ କେନ୍ଦ୍ର କୋଇଲା ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ କହିଛନ୍ତି, କୋଇଲାର ବ୍ୟବହାରକୁ ସମ୍ପ୍ରସାରିତ କରି ଦେଶ ଶକ୍ତି କ୍ଷେତ୍ରରେ ସ୍ୱାଧୀନ ଭାବେ ପଦକ୍ଷେପ ଗ୍ରହଣ କରୁଛି। ସେ କହିଛନ୍ତି, ଦେଶରେ ଥିବା ୭ଟି ଗ୍ୟାସିଫିକେସନ୍ ପ୍ରକଳ୍ପ ମଧ୍ୟରୁ ୨ଟି ପ୍ରକଳ୍ପ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବ। ସେ ସୂଚନା ଦେଇଛନ୍ତି, ଏହା ଫଳରେ କେବଳ ସ୍ୱଚ୍ଛଶକ୍ତି ମିଳିବ ନାହିଁ ବରଂ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବିଦେଶରୁ ଆମଦାନୀ ହେଉଥିବା ତୈଳ, ମିଥାନଲ ଏବଂ ଆମୋନିଆ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ସେ କହିଛନ୍ତି, ଗ୍ୟାସିଫିକେସନ୍ ଦ୍ୱାରା ଭାରତରେ ୟୁରିଆ ସମେତ ଅନ୍ୟାନ୍ୟ ରାସାୟନିକ ସାମଗ୍ରୀ ଅଳ୍ପ ଖର୍ଚ୍ଚରେ ଉତ୍ପାଦନ ହୋଇପାରିବ ଓ ଏହା କୃଷକମାନଙ୍କୁ ସହାୟକ ହେବ।

ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣରୁ ୧୦୦ ମିଲିୟନ ଟନ୍ କୋଇଲା ଗ୍ୟାସିଫିକେସନ୍ ଦ୍ୱାରା ୨୦୨୭ ସୁଦ୍ଧା ଭାରତ ଶକ୍ତିକ୍ଷେତ୍ରରେ ତାର ଲକ୍ଷ୍ୟ ପୂରଣ କରିପାରିବ ବୋଲି କୁହାଯାଇଛି।

ବିଦେଶରୁ ତୈଳ ଆବଶ୍ୟକତାର ୮୩ ପ୍ରତିଶତ ଆମଦାନୀ ଜରିଆରେ ପୂରଣ ହେଉଥିବା ବେଳେ ୯୦ ପ୍ରତିଶତରୁ ଅଧିକ ମିଥାନଲ ଏବଂ ୧୩ ପ୍ରତିଶତ ଆମୋନିଆ ଆମଦାନୀ କରାଯାଉଛି।

## ଆମାଜନ୍- ଇନ୍‌ଭେଷ୍ଟମେଣ୍ଟ

ଆମେରିକାସ୍ଥିତ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଆମାଜନ୍ ୨୦୩୦ ମସିହା ସୁଦ୍ଧା ଭାରତରେ ୩୫ ବିଲିୟନ୍ ଡଲାର ବିନିଯୋଗ କରିବ। ଆମାଜନ୍‌ର ବରିଷ୍ଠ ଉପାଧ୍ୟକ୍ଷ ଅମିତ ଅଗ୍ରୱାଲ ଆଜି ନୂଆଦିଲ୍ଲୀରେ ଷଷ୍ଠ ଆମାଜନ୍ ସମ୍ଭବ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ପୂରଣ ସହ ଆମାଜନ୍‌ର ବିକାଶକୁ ଦୃଷ୍ଟିରେ ରଖି ଏହି ବିନିଯୋଗ କରାଯିବ। ଏହାଦ୍ୱାରା ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ବିନିଯୋଗ କୃତ୍ରିମ ବୁଦ୍ଧିମତା ସାମର୍ଥ୍ୟ ବୃଦ୍ଧି, ପରିବହନ ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ସହାୟତା କରିବ ଯାହାଫଳରେ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ମଧ୍ୟ ବୃଦ୍ଧି ହେବ। ପୂର୍ବରୁ ମାଇକ୍ରୋସଫ୍ଟ ପକ୍ଷରୁ ମଧ୍ୟ ଦେଶର ଭିତ୍ତିଭୂମି ନିର୍ମାଣ, ଦକ୍ଷତା ବୃଦ୍ଧି ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ର ପାଇଁ ୧୭ ବିଲିୟନ୍ ଡଲାର ବିନିଯୋଗ ନେଇ ଘୋଷଣା କରାଯାଇଛି।

## ଏଲଏସ୍-ରେଲୱେ ଷ୍ଟେସନ୍

ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ୧୬୦ଟି ରେଳଷ୍ଟେସନ୍‌ର ବିକାଶ କରାଯାଇଛି। ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ୧୩ଶହଟି ଷ୍ଟେସନ୍‌ର ବିକାଶ ଲାଗି ଚିହ୍ନଟ କରାଯାଇଛି। ରେଳଷ୍ଟେସନ୍‌ଗୁଡ଼ିକରେ ପାସେଞ୍ଜର ହଲ୍, ପାର୍କିଂ ଏବଂ ହୋଲ୍ଡିଂ ଏରିଆ ନିର୍ମାଣ କରି ଯାତ୍ରୀମାନଙ୍କୁ ସୁବିଧା ଯୋଗାଇ ଦେବା ଲାଗି ସରକାର କାର୍ଯ୍ୟ କରୁଥିବା ସେ କହିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ରେଳଷ୍ଟେସନ୍ ଗୁଡ଼ିକରେ

ହେଉଥିବା ବିକାଶମୂଳକ କାର୍ଯ୍ୟରେ ଯାତ୍ରୀମାନଙ୍କ ନିରାପତ୍ତାକୁ ପ୍ରାଥମିକତା ଦିଆଯାଉଛି ।

**V/O– Ashwini Baishnab**

# ଏଲ୍‌ଏସ୍– ଇଲେକସନ୍ ରିଫର୍ମସ

ଲୋକସଭାରେ ଆଜି ନିର୍ବାଚନ ସଂସ୍କାର ଉପରେ ଆଲୋଚନା ଜାରି ରହିଛି । କଂଗ୍ରେସ ନେତା କେ.ସି ବେଣୁଗୋପାଲ କହିଛନ୍ତି, ଗଣତନ୍ତ୍ରର ମୌଳିକ ନୀତି ହେଉଛି ସମସ୍ତଙ୍କୁ ଭୋଟ୍ ଦାନର ଅଧିକାର ଦେବା । ବିଜେପି ନେତା ରବି ଶଙ୍କର ପ୍ରସାଦ ଆଲୋଚନା କାଳରେ ବିରୋଧୀ ଦଳକୁ ସମାଲୋଚନା କରି କହିଛନ୍ତି, ବିହାରରେ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ନେଇ ଅନେକ ର୍‍ୟାଲି ଓ ସମାଲୋଚନା ସତ୍ତ୍ୱେ ବିଧାନସଭା ନିର୍ବାଚନରେ ଅଳ୍ପ କେତୋଟି ଆସନରେ ଜିତି ପାରିଥିଲେ । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆଲୋଚନା ଜାରି ରହିଛି ।

# ଏଲ୍‌ଏସ୍–ପୋଷ୍ଟ ଅଫିସ୍

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶରେ ପୋଷ୍ଟାଲ ନେଟୱର୍କକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୦ ହଜାର ୧୭୦ଟି ଡାକଘର ଖୋଲାଯାଇଛି । ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଆଜି ଲୋକସଭାରେ ଶ୍ରୀ ସିନ୍ଧିଆ କହିଛନ୍ତି, ବିଶ୍ୱରେ ଭାରତୀୟ ଡାକ ସର୍ବବୃହତ ଡାକ ବ୍ୟବସ୍ଥା ହୋଇଥିବା ବେଳେ ସାରା ଦେଶରେ ୧ ଲକ୍ଷ ୬୪ ହଜାର ଡାକଘର କାର୍ଯ୍ୟ କରୁଛି ।

ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ଲାଗି ୨ ଲକ୍ଷ ୭୮ ହଜାର ଗ୍ରାମୀଣ ଡାକସେବକ ଅହରହ କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷରେ ସରକାର ଡାକସେବା ବ୍ୟବସ୍ଥାକୁ ଉନ୍ନତ କରିବା ଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ୪୧ ମାସ ମଧ୍ୟରେ ମାଓ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୪ ହଜାର ୯୦୩ଟି ନୂଆ ଡାକଘର ଖୋଲାଯାଇଛି । ଶ୍ରୀ ସିନ୍ଧିଆ କହିଛନ୍ତି, ବ୍ୟାଙ୍କ ନ ଥିବା ଗ୍ରାମାଞ୍ଚଳଗୁଡ଼ିକରେ ୫ ହଜାର ୭୪୬ଟି ନୂଆ ଡାକଘର ଖୋଲିବା ଲାଗି ବ୍ୟୟବରାଦ କରାଯାଇଥିବା ବେଳେ ୫ ହଜାର ୬୫୭ଟି ଡାକଘର କାର୍ଯ୍ୟକ୍ଷମ ହୋଇଛି ।

## ଡିଜିସିଏ-ଇଣ୍ଡିଗୋ ଡାଇରେକ୍ଟିଭ୍

ବିମାନସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋକୁ ଚଳିତ ଶୀତଋତୁରେ ବିଭିନ୍ନ ପଥରେ ଉଡ଼ାଣକୁ ୧୦ ପ୍ରତିଶତ ହ୍ରାସ କରିବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ-ଡିଜିସିଏ ନିର୍ଦ୍ଦେଶ ଦେଇଛି । ବିମାନ ଉଡ଼ାଣ ବାତିଲ ଏବଂ ଅନୁମୋଦିତ ସମୟ ସୂଚୀକୁ ଦକ୍ଷତାର ସହ ପରିଚାଳନା କରିବାରେ ଇଣ୍ଡିଗୋର ବିଫଳତା ଆଧାରରେ ଏହି ନିର୍ଦ୍ଦେଶ ଦିଆଯାଇଛି । ବିମାନ ଉଡ଼ାଣ ତତ୍ତ୍ୱାବଧାରକ ଏକ ବିଜ୍ଞପ୍ତିରେ କହିଛନ୍ତି, ଗତ ନଭେମ୍ବର ମାସ ସୁଦ୍ଧା ଇଣ୍ଡିଗୋକୁ ୬୪ ହଜାର ୩୪୬ ଉଡ଼ାଣ ପାଇଁ ଅନୁମୋଦନ କରାଯାଇଥିଲା । ସେଥିରୁ ୫୯ ହଜାର ୪୩୮ ଉଡ଼ାଣ ହୋଇଥିବା ବେଳେ ୯୫୧ଟି ବାତିଲ ହୋଇଛି । ଶୀତଋତୁ ପାଇଁ ୪୦୩ ବିମାନ ଉଡ଼ାଣ ସହିତ ୬ ପ୍ରତିଶତ ସମୟସୂଚୀ ବୃଦ୍ଧି କରାଯାଇଥିଲେ ମଧ୍ୟ ଇଣ୍ଡିଗୋ ଗତ ମାସରେ କେବଳ ୩୪୪ ବିମାନ ଉଡ଼ାଣ କରିଛି ।

ଆଜି ଅପରାହ୍ନ ୫ଟା ସୁଦ୍ଧା ନିର୍ଦ୍ଦେଶାବଳୀ ଆଧାରିତ ସଂଶୋଧିତ ସମୟସୂଚୀ ଦାଖଲ କରିବାକୁ ଡିଜିସିଏ ଇଣ୍ଡିଗୋକୁ ନିର୍ଦ୍ଦେଶ ଦେଇଛି ।